# Sambalpur Municipal Corporation
## Sambalpur (Odisha)

Email Id : Sambalpurm.hud@nic.in
Phone No. 0663-2411012

No. 10096 Date 19.08.2025

## Expression of Interest

### ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସମ୍ବଲପୁର ମହାନଗର ନିଗମ ୱାର୍ଡ଼ ସଂଖ୍ୟା ୪୧ରେ ଥିବା ନୂଆବନ୍ଧର ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ବନ୍ଧେ

ସମ୍ବଲପୁର ମହାନଗର ନିଗମର ୱାର୍ଡ଼ ସଂଖ୍ୟା ୪୧ରେ ଥିବା ନୂଆବନ୍ଧର ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ସେହି ୱାର୍ଡ଼ରେ ସ୍ଥିତ ମିଶନ ଶକ୍ତି ଗୋଷ୍ଠୀ ନିୟୋଜିତ କରିବା ନିମନ୍ତେ ସ୍ଥିର କରାଯାଇଛି | ଏହି ମିଶନ ଶକ୍ତି ଗୋଷ୍ଠୀମାନେ ୱାର୍ଡ଼ ସଂଖ୍ୟା ୪୧ରେ ଥିବା ନୂଆବନ୍ଧର ରକ୍ଷଣାବେକ୍ଷଣ ପାଇଁ ସଂଲଗ୍ନ ହୋଇଥିବା ଫର୍ମ ଦ୍ୱାରା **୨୭.୦୮.୨୦୨୫** ସୁଦ୍ଧା ସମ୍ବଲପୁର ମହାନଗର ନିଗମ, ଦୁର୍ଗାପାଲି କାର୍ଯ୍ୟାଳୟରେ ଆବେଦନ କରିପାରିବେ |

| କ୍ରମିକ ସଂଖ୍ୟା | ୱାର୍ଡ଼ ସଂଖ୍ୟା | ବନ୍ଧର ନାମ | କେଉଁ ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀ ଆବେଦନ କରିପାରିବେ |
|---|---|---|---|
| ୩ | ୪୧ | ନୂଆବନ୍ଧ | ୪୧ |

ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ମିଶନ ଶକ୍ତି ଗୋଷ୍ଠୀକୁ ଚୟନ କରାଯିବ। ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଦେଶାବଳୀ ପାଳନ କରି ଆବେଦନ ପତ୍ର ଦାଖଲ କରିବେ ।ଯୋଗ୍ୟତା ମାନଦଣ୍ଡକୁ ଭଲଭାବେ ପଢ଼ି ଆବେଦନ ପତ୍ର ଦାଖଲ କରିବା ପାଇଁ ଅନୁରୋଧ ।

### ନୂଆବନ୍ଧର ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ପାଇଁ ମିଶନ ଶକ୍ତି ଗୋଷ୍ଠୀ ପାଇଁ ନିର୍ଦ୍ଦେଶାବଳୀ

ବନ୍ଧମାନଙ୍କର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଭୂତଳ ଜଳ ପୁନଃଭରଣକୁ ବୃଦ୍ଧି କରିବା ଏବଂ ସବୁଜ ସାର୍ବଜନୀନ ସ୍ଥାନ ଏବଂ ପ୍ରାକୃତିକ ମନୋରଞ୍ଜନମୂଳକ କ୍ଷେତ୍ର ସୃଷ୍ଟି କରିବା। ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଜଳାଶୟର ପୁନରୁଦ୍ଧାର ପରେ ସେମାନଙ୍କର ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବନ୍ଧମାନଙ୍କର ନିରନ୍ତର ସଂରକ୍ଷଣ ଏବଂ ବ୍ୟବହାର ପାଇଁ ନିୟମିତ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ଅତ୍ୟନ୍ତ ଜରୁରୀ।

- ବନ୍ଧର ରକ୍ଷଣାବେକ୍ଷଣ ପାଇଁ ନିୟମିତ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ କାର୍ଯ୍ୟକଳାପ କରିବେ ଯେମିତିକି :
  - ଅନାବଶ୍ୟକ ଗଛଲତା ସଫା କରିବା । ଯଦି କୌଣସି ଆଜୋଲା, ଫର୍ଣ୍ଣ, ହାଇସିନ୍ଥ ଏବଂ ଅନ୍ୟାନ୍ୟ ଅନାବଶ୍ୟକ ଗଛଲତା ଦେଖାଯାଏ ତେବେ ସେଗୁଡ଼ିକୁ ସଫା କରିବା ଆବଶ୍ୟକ। ବନ୍ଧରୁ ଅନାବଶ୍ୟକ ସାମଗ୍ରୀ ଯେମିତି କି ବର୍ଜ୍ୟବସ୍ତୁ ଇତ୍ୟାଦି ବାହାର କରିବା। ମିଶନ ଶକ୍ତି ଗୋଷ୍ଠୀ ଧ୍ୟାନ ଦେବେ ଯେମିତି କି ପରିଦର୍ଶକ ବନ୍ଧରେ ବର୍ଜ୍ୟବସ୍ତୁ ପକାଇବେ ନାହିଁ ।
  - ମୌସୁମୀ ପୂର୍ବରୁ ଏବଂ ପରେ କିମ୍ବା ଆବଶ୍ୟକ ହେଲେ ସିଲ୍ଟ ଫାଶ/ଲାଗୁନ ସଫା କରିବେ। ଖନନ କରାଯାଇଥିବା ସିଲ୍ଟକୁ ମହାନଗର ନିଗମ ଦ୍ୱାରା ଚିହ୍ନଟ କରାଯାଇଥିବା ଏକ ନିର୍ଦ୍ଦିଷ୍ଟ ସରକାରୀ ଜମିରେ ଜମା କରିବେ। ପ୍ଲାଷ୍ଟିକ୍, କାଚ, ଜୋତା, ଇ-ଅବର୍ଜନା ଇତ୍ୟାଦି ଅଣ-ଜୈବ ଅପଘଟନଶୀଳ ସାମଗ୍ରୀକୁ ନିକଟସ୍ଥ ସମ୍ପଦ କେନ୍ଦ୍ରକୁ ପଠାଇବେ।
  - ମୌସୁମୀ ପୂର୍ବରୁ ଏବଂ ପରେ ଇନଲେଟ୍/ଆଉଟଲେଟ୍ ପାଇପ୍ ସଫା କରିବେ। ସୁଗମ ଜଳ ପ୍ରବାହ ପାଇଁ ଇନଲେଟ୍/ଆଉଟଲେଟ୍ ପଏଣ୍ଟରେ ବଢୁଥିବା ଜଙ୍ଗଲୀ ଗଛଲତାକୁ ଓପାଡ଼ି ଦେବେ। ଯଦି କୌଣସି କ୍ଷତିଗ୍ରସ୍ତ ପାଇପ୍ ଥାଏ, ତେବେ ତୁରନ୍ତ ମରାମତି କରିବେ ବା ବଦଳାଇବେ।
  - ମାସରେ ଥରେ ଗାବିଅନ୍ କାନ୍ଥ ପୃଷ୍ଠକୁ ଯାଞ୍ଚ ଏବଂ ସଫା କରିବେ। ଯଦି କୌଣସି କ୍ଷତି ଦେଖାଯାଏ ତେବେ ତୁରନ୍ତ ମରାମତି କରିବେ ବା ବଦଳାଇବେ।

- ଯଦି ପେଭର ବ୍ଲକରେ କର୍ବ ପଥରର ସ୍ଥାନଚ୍ୟୁତି କିମ୍ବା ଦବିଯାଉଥିବା ଭଳି ତ୍ରୁଟି ଦେଖାଯାଏ, ତେବେ ତୁରନ୍ତ ସଂଶୋଧନ / ପରିବର୍ତ୍ତନ କରିବେ। ଅତି କମରେ ପ୍ରତି ୭ ଦିନରେ ଥରେ ପଥ ସଫା କରିବେ। ପଥ ପାର୍ଶ୍ୱରେ ଗଛଗୁଡ଼ିକର ପୂର୍ଣ୍ଣ ବୃଦ୍ଧି ପରେ ୨-୩ ଦିନ ମଧ୍ୟରେ ସଫା କରିବେ। ପେଭର ବ୍ଲକ ସନ୍ଧିରେ ଦେଖାଯାଇଥିବା ଘାସ କିମ୍ବା ବୁଦାଗୁଡ଼ିକୁ ତୁରନ୍ତ ଉପାଡ଼ିବେ।
- ବର୍ଷ ଯୋଗୁଁ ମାଟି କ୍ଷୟ ସ୍ଥାନରେ ଭଲ ଗୁଣବତ୍ତା ମାଟି ରଖି ତୁରନ୍ତ ମରାମତି କରିବେ ଏବଂ ଯେଉଁଠାରେ ବର୍ଷ ଯୋଗୁଁ ମାଟି କ୍ଷୟ ଦେଖାଯାଏ, ସେଠାରେ ସଂକୋଚନ ପାଇଁ ଧୂରମୁଶ ବ୍ୟବହାର କରନ୍ତୁ। ନିକଟସ୍ଥ ଅଞ୍ଚଳର ଭଲ ମାଟି ବ୍ୟବହାର କରି ଢାଲୁସ୍ଥାନ ଗୁଡ଼ିକ ତୁରନ୍ତ ମରାମତି କରିବେ।
- ଯଦି ପାହାଚରେ କୌଣସି କ୍ଷତି ଦେଖାଯାଏ ତେବେ ସ୍ନାନ ଘାଟଗୁଡ଼ିକୁ ସମୟାନୁସାରେ ମରାମତି କରିବେ। କୌଣସି ପ୍ରକାରର ଜଙ୍ଗଲୀ ଉଦ୍ଭିଦ ବୃଦ୍ଧିକୁ ଏଡ଼ାଇବା ପାଇଁ ପ୍ରତି ମାସରେ ସ୍ନାନଘାଟକୁ ସଫା କରିବେ । ପ୍ରତ୍ୟେକ ସ୍ନାନ ଘାଟ ନିକଟରେ ଅଳିଆ ଫୋପାଡ଼ିବା ପାଇଁ ଦୁଇଟି ଅଳିଆ କୁଣ୍ଡ (UPVC/FRP (1m*1m*1m)) ରଖିବେ ଏବଂ ଅଳିଆ ଠିକ ଜାଗାରେ ଫୋପାଡ଼ିବା ପାଇଁ ସାଇନେଜ୍ ବୋର୍ଡ଼ ଲଗାଇବେ। ନିୟମିତ ଭାବରେ ଅଳିଆ କୁଣ୍ଡ ସଫା କରିବେ ଯାହା ଦ୍ୱାରା ଘାଟର ପରିଷ୍କାର ପରିଚ୍ଛନ୍ନତା ବଜାୟ ରହିବ। ଲୁଗା ଧୋଇବା ପାଇଁ ଡିଟରଜେଣ୍ଟ କିମ୍ବା ରାସାୟନିକ ପଦାର୍ଥ ବ୍ୟବହାର ନିଷେଧ କରିବେ। ବନ୍ଧରୁ ଗାଈ/ପାଳିତ ପଶୁଙ୍କ ଜଳପାନ ପାଇଁ ପୃଥକ ବ୍ୟବସ୍ଥା କରିବେ।

- ଉପରୋକ୍ତ କାର୍ଯ୍ୟକଳାପ ପାଇଁ ମିଶନ ଶକ୍ତି ଗୋଷ୍ଠୀଙ୍କୁ ଦାଖଲ ହୋଇଥିବା ବିଲ୍ ଅନୁଯାୟୀ ଦେୟ ପ୍ରଦାନ କରାଯିବ | ତେଣୁ ବିଲ୍ ଦାଖଲ ପାଇଁ ନିମ୍ନଲିଖିତ କାର୍ଯ୍ୟକଳାପ ଅନୁସରଣ କରିବେ :
  - ଶ୍ରମିକ/ଯନ୍ତ୍ରପାତି/ଉପକରଣ ଇତ୍ୟାଦି ସହିତ ଆବଶ୍ୟକୀୟ ସମ୍ବଳଗୁଡ଼ିକୁ ସଂଗ୍ରହ କରିବେ ।
  - ବନ୍ଧରେ ଯଥା ସମ୍ଭବ ପରିବେଶ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା (EHS) ବିପଦକୁ ଚିହ୍ନଟ କରିବେ ଏବଂ ସଂଶୋଧନମୂଳକ ପଦକ୍ଷେପ ନେବେ।
  - ବିଲ୍ ପ୍ରକ୍ରିୟାକରଣ ପାଇଁ ଆଧାର କାର୍ଡ଼, ବ୍ୟାଙ୍କ ପାସବୁକ୍, ପାନ କାର୍ଡ଼, ଶ୍ରମିକ ରେଜିଷ୍ଟର, ଲଗବୁକ୍ ଇତ୍ୟାଦି ଆବଶ୍ୟକୀୟ ଡକ୍ୟୁମେଣ୍ଟ ଦାଖଲ କରିବେ।
  - ମତାମତ ରେଜିଷ୍ଟରଗୁଡ଼ିକୁ ବଜାୟ ରଖିବେ ।
  - ସମ୍ବଲପୁର ମହାନଗର ନିଗମ ଦ୍ୱାରା ପରିଚାଳିତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (IEC) କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବେ ।

**<u>ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା</u>**

- ମିଶନ ଶକ୍ତି ଗୋଷ୍ଠୀ, ପୋଖରୀ ସ୍ଥିତ ୱାର୍ଡ଼ରୁ ହୋଇଥିଲେ ତାଙ୍କ ଆବେଦନକୁ ଅଗ୍ରାଧିକାର ଦିଆଯିବ |
- ମିଶନ ଶକ୍ତି ଗୋଷ୍ଠୀ ଆବେଦନ ପତ୍ର ଦେବା ସମୟରେ ଅତିକମରେ ତିନି ବର୍ଷ ପୂର୍ବରୁ ଗଠନ ହୋଇଥିବା ଦରକାର |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ପଞ୍ଚସୂତ୍ରକୁ ପ୍ରତିବଦ୍ଧତା ସହିତ ପାଳନ କରୁଥିବେ |
- ମିଶନ ଶକ୍ତି ଗୋଷ୍ଠୀ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପରେ ସର୍ବନିମ୍ନ ୩ ବର୍ଷ ପର୍ଯ୍ୟନ୍ତ ଜଡ଼ିତ ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର ପରିଚାଳନା ସମୟର ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର କୌଣସି ଆର୍ଥିକ ଅନିୟମିତତା, ଯେପରିକି NPA(Non Performing Asset) ଘୋଷିତ ଋଣ ଇତ୍ୟାଦି ହୋଇନଥିବ |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ବର୍ତମାନ କିମ୍ବା ଅତୀତରେ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହୋଇନଥିବେ |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀ ନିଶ୍ଚିତ ଭାବରେ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପ ପାଇଁ ପୂର୍ବରୁ ବ୍ୟାଙ୍କରୁ ଋଣ ନେଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର ଅତି କମରେ ଜଣେ ସଦସ୍ୟଙ୍କ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିବେ ଏବଂ ତାଙ୍କର ଡିଜିଟାଲ୍ ସାକ୍ଷରତା ଥିବା ଉଚିତ।
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡ ଥିବା ଆବଶ୍ୟକ |
- ଉଦ୍ୟମ ଆଧାର ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ |
- ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନରେ ଅଭିଜ୍ଞତା ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ |

ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏ ବାବଦରେ **୨୭.୦୮.୨୦୨୫** ସୁଦ୍ଧା ସମ୍ବଲପୁର ମହାନଗର ନିଗମ, ଦୁର୍ଗାପାଲି କାର୍ଯ୍ୟାଳୟରେ ନିମ୍ନ ମତେ ଥିବା **ଫର୍ମ**ରେ ଆବେଦନ କରି ପାରିବେ |

**ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ :**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
- ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ପାସବୁକ୍‌ର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ |
- ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) |
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର |
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡ଼ର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ନକଲ (ଯେଦି ଉପଲବ୍ଧ ଅଛି)|
- ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |

ଏ ବିଷୟରେ ଅତିରିକ୍ତ ସୂଚନା ସମ୍ବଲପୁର ମହାନଗର ନିଗମ ୱେବସାଇଟ www.smcsambalpur.nic.in ରେ ଉପଲବ୍ଧ ଅଛି |

**ସଂଲଗ୍ନକ:** ମିଶନ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ

Memo No. 10097 Date 19.08.2025

Copy to be displayed at the SMC website and Notice Board, Collectorate Notice Board and to be made available at Ward Offices for public information.

Commissioner
Sambalpur Municipal Corporation

* ଗୋଷ୍ଠୀ ମୋହର ସହିତ

# ମିଶନ ଶକ୍ତି ଗୋଷ୍ଠୀ ପାଇଁ ନୂଆବନ୍ଧର ରକ୍ଷଣାବେକ୍ଷଣ କାର୍ଯ୍ୟ ଆବେଦନ ଫର୍ମ

| କ୍ର. ସଂଖ୍ୟା | | ବିବରଣୀ |
|---|---|---|
| ୧ | ମିଶନ ଶକ୍ତି ଗୋଷ୍ଠୀର ନାମ | |
| ୨ | ଠିକଣା | |
| ୩ | ୱାର୍ଡ଼ ସଂଖ୍ୟା | |
| ୪ | ଗୋଷ୍ଠୀ ଗଠନ ତାରିଖ | |
| ୫ | ଗୋଷ୍ଠୀ ସଦସ୍ୟ ସଂଖ୍ୟା | |
| ୬ | ସଭାନେତ୍ରୀଙ୍କ ନାମ | |
| ୭ | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୮ | ସେକ୍ରେଟେରୀଙ୍କ ନାମ | |
| ୯ | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୦ | ଶ୍ରେଣୀକରଣ (Gradation) ହୋଇଛି? (ହଁ/ ନାହିଁ) | |
| ୧୧ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି? | |
| ୧୨ | ଆକାଉଣ୍ଟ ସଂଖ୍ୟା | |
| ୧୩ | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| ୧୪ | RF/Seed ପାଇଛନ୍ତି? (ହଁ/ନାହିଁ ) | |
| ୧୫ | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ | |
| ୧୬ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) (ପାସବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ) | |
| ୧୭ | ମିଶନ ଶକ୍ତି ଗୋଷ୍ଠୀ ପରିଚାଳନା ଆରମ୍ଭ ସମୟରୁ କେତେ ଟଙ୍କା ଋଣ ନେଇଛନ୍ତି ? | |
| ୧୮ | ଗୋଷ୍ଠୀର ଋଣ ଦେୟ କିମ୍ବା ରେକର୍ଡ ରଖିବାରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି? (ହଁ/ନାହିଁ) | |
| ୧୯ | ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଛି? (ହଁ/ନାହିଁ) | |
| ୨୦ | ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ଅଛି ? (ହଁ/ନାହିଁ) | |
| ୨୧ | ଅତୀତ କିମ୍ବା ବର୍ତ୍ତମାନରେ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇଛନ୍ତି କି? (ହଁ/ନାହିଁ) | |
| ୨୨ | କେଉଁ ବନ୍ଧର ରକ୍ଷଣବେକ୍ଷଣ କାର୍ଯ୍ୟ ନେବାକୁ ଇଚ୍ଛୁକ ? | |

ସେକ୍ରେଟେରୀଙ୍କ ସ୍ୱାକ୍ଷର
(ମୋହର ସହିତ)

ସଭାନେତ୍ରୀଙ୍କ ସ୍ୱାକ୍ଷର
(ମୋହର ସହିତ)

**ସଂଲଗ୍ନ (ଯେଉଁ କାଗଜ ସଂଲଗ୍ନ କରିଛନ୍ତି ଟିକ ( ✓ ) କରନ୍ତୁ):**

- ☐ ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରିଜୋଲୁସନର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
- ☐ ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରିଜୋଲୁସନର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ପାସ୍‌ବୁକ୍‌ର ନକଲ (ପ୍ରଥମ ଓ ଅନ୍ତିମ ପୃଷ୍ଠା) ସଂଲଗ୍ନ କରନ୍ତୁ |
- ☐ ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) |
- ☐ ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର |
- ☐ ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡ଼ର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ନକଲ (ଯଦି ଉପଲବ୍ଧ ଅଛି)|
- ☐ ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |